# ଜନ ଲୋକପାଳ ବିଲ୍- ପର୍ବତର ମୂଷିକ ପ୍ରସବ

### ଜନ ଲୋକପାଳ ବିଲ୍ ପଛରେ ପ୍ରତିଶୃତି

ଏବେ ବି ସାଧାରଣ ଲୋକଙ୍କର ଧାରଣା, ଦୁର୍ନୀତିଗ୍ରସ୍ତ ରାଜନେତା, ଅମଲା କିମ୍ବା ବିଚାରପତିଙ୍କୁ ଦଣ୍ଡବିଧାନ କ୍ଷେତ୍ରରେ ଆନ୍ନା ହଜାରେଙ୍କ ପ୍ରସ୍ତାବିତ ଜନ ଲୋକପାଳ ବିଲ୍ ଛିଦ୍ରମୟ ସରକାରୀ ଲୋକପାଳ ବିଲ୍ ଠାରୁ ଅନେକ ଗୁଣରେ ସଶକ୍ତ ଓ କଠୋର, ଏବଂ ଏହି ବିଲ୍ ଯଦି ଆଇନ୍‌ରେ ପରିଣତ ହୁଏ, ତେବେ ଶାସନର ମୂଳ ତିନୋଟି ସ୍ତମ୍ଭ- ଆଇନ୍‌ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ରାସ୍ତା ପରିଷ୍କାର ହେବ । ଏହି ଧାରଣାର ବଶବର୍ତ୍ତୀ ହୋଇ ଦେଶ ଭିତରେ ଓ ବାହାରେ ଥିବା ଲକ୍ଷଲକ୍ଷ ସାଧାରଣ ଭାରତୀୟ ଆନ୍ନା ହଜାରେଙ୍କ ଆମରଣ ଅନଶନ ଆନ୍ଦୋଳନକୁ ନିସର୍ତ୍ତ ଭାବେ ଶୁଭେଚ୍ଛା, ସମର୍ଥନ ଓ ସହଯୋଗ ଜଣାଇଥିଲେ, ଯାହାର ଚାପ ଫଳରେ କେନ୍ଦ୍ର ସରକାର ୫ଜଣ ସରକାରୀ ଓ ଆନ୍ନାଙ୍କ ସମେତ ୫ଜଣ ବେସରକାରୀ ପ୍ରତିନିଧିଙ୍କୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ ମିଳିତ ଚିଠା କମିଟି ଗଠନ ପାଇଁ ଏପ୍ରିଲ୍ ୯ ତାରିଖରେ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ କରିବାକୁ ବାଧ୍ୟ ହେଲେ । ଏହି କମିଟିର ପ୍ରାରମ୍ଭିକ ବୈଠକ ହୋଇସାରିଲାଣି ଏବଂ ଆଗାମୀ ବୈଠକ ୨ ମଇରେ ଅନୁଷ୍ଠିତ ହେବ । କିନ୍ତୁ ଏକ ମସ୍ତବଡ ବିଡମ୍ବନା ହେଉଛି, ଉଭୟ ସରକାରୀ କି ବେସରକାରୀ ଲୋକେ କେହି ଜନ ଲୋକପାଳ ବିଲ୍‌କୁ ଆନ୍ଦୋଳନର ତାତି ଭିତରେ ପଢିନଥିଲେ, କିନ୍ତୁ ଯେତେବେଳେ ଉକ୍ତ କମିଟିର କେତେକ ସଭ୍ୟ ଅନ୍ୟ କାରଣରୁ ବିବଦମାନ ହୋଇପଡିଲେ, ସେତେବେଳେ ଏହି ଲେଖକ ସମେତ ଆଙ୍ଗୁଠି-ଗଣତା କେତେକ ବ୍ୟକ୍ତି ଏହାକୁ ପଢିବା ଓ ତର୍ଜମା କରିବା ଆରମ୍ଭ କଲେ । ଇତିମଧ୍ୟରେ ଭୁବନେଶ୍ୱରରେ ଓଡିଶା ଜନସମ୍ମିଳନୀ ତରଫରୁ ୩ଦଫା ଏବଂ କଟକରେ ଓଡିଶା ହାଇକୋର୍ଟର ଓକିଲମାନଙ୍କୁ ନେଇ ଗଠିତ ପ୍ରୋଗ୍ରେସିଭ୍ ଲୟରସ୍ ଆସୋସିଏସନ୍ ତରଫରୁ ଦୁଇ ଥର ଜନ ଲୋକପାଳ ବିଲ୍ ଉପରେ ବିଶ୍ଲେଷଣ ଓ ବିତର୍କ ହୋଇ ସାରିଲାଣି । ସୁତରାଂ ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ, ଯେତେବେଳେ ଦୁର୍ନୀତିମୁକ୍ତ ଭାରତର ସ୍ୱପ୍ନ ଦେଖୁଥିବା ସାଧାରଣ ଲୋକେ ଆନ୍ନା ହଜାରେଙ୍କ ପ୍ରସ୍ତାବିତ ଜନ ଲୋକପାଳ ବିଲ୍‌ର ବ୍ୟବସ୍ଥାଗୁଡିକୁ ଟିକିନିଖି ପରଖି କରି ଦେଖିବା ଉଚିତ୍, ଏହାଦ୍ୱାରା ଆନ୍ନାଙ୍କ ମୂଳ ତିନୋଟି ପ୍ରତିଶୃତି ସାକାର ହୋଇପାରିଛି କି ନାହିଁ - ଯଥା (୧) ଉଭୟ କେନ୍ଦ୍ର ଓ ରାଜ୍ୟରେ, ପ୍ରତି ସ୍ତରର ଦୁର୍ନୀତିଗ୍ରସ୍ତ ଜନସେବକ, ସେ ରାଜନେତା, ପ୍ରଶାସକ ବା ବିଚାରପତି ହୁଅନ୍ତୁ, ତାଙ୍କ ବିରୁଦ୍ଧରେ ଲୋକପାଳଙ୍କ ନିକଟରେ ଅଭିଯୋଗ ଆଗତ ହେବାର ସର୍ବାଧିକ ୨ବର୍ଷ ଭିତରେ କ୍ଷତିଅସୁଲ୍, ଜୋରିମାନା ଓ ଜେଲ୍‌ଦଣ୍ଡର ବ୍ୟବସ୍ଥା, (୨) ଯେ କୌଣସି ଜନକର୍ତ୍ତୃପକ୍ଷଙ୍କ ଠାରୁ ନିଜ ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ଜଣେ ନାଗରିକଙ୍କୁ ଅଭିଯୋଗ ମିଳିବାର ୧ମାସ ଭିତରେ ପ୍ରାପ୍ୟ ମିଳିବାର ବ୍ୟବସ୍ଥା ତଥା ସଂପୃକ୍ତ ଦୋଷୀ ଅଧିକାରୀଙ୍କ ଠାରୁ ପ୍ରତି ଦିନର ବିଳମ୍ବ ବାବଦକୁ ୨୫୦ଟଙ୍କା ହିସାବରେ ଜୋରିମାନା ଆଦାୟ ଓ ସେହି ଅର୍ଥରାଶିକୁ ସଂପୃକ୍ତ ଅଭିଯୋକ୍ତାଙ୍କୁ କ୍ଷତିପୂରଣ ଆକାରରେ ପଇଠ, ତଥା (୩) ଶାସନକଳରେ ଘଟୁଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ନାଗରିକ, ଯେ କି ସଂପୃକ୍ତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଆକ୍ରମଣ, ନିର୍ଯ୍ୟାତନା ବା ଧମକର ଶୀକାର ହୋଇଥିବେ, ତାଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ ସହିତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ (ଦ୍ରଷ୍ଟବ୍ୟ- ଜନ ଲୋକପାଳ ବିଲ୍‌ର ପ୍ରମୁଖ ବୈଶିଷ୍ଟ୍ୟସମୂହ www.indiaagainstcorruption.org)

### କେବଳ କେନ୍ଦ୍ରୀୟ ସଂସ୍ଥା ପାଇଁ ପ୍ରଯୁଜ୍ୟ

ଯଦିଓ ୧୦ ଅଗଷ୍ଟ ୨୦୧୦ରେ ଦିଲ୍ଲୀଠାରେ ସରକାରୀ ବିଲ୍‌ର ବିକଳ୍ପ ସନ୍ଧାନ ପାଇଁ ଅନୁଷ୍ଠିତ ପ୍ରଥମ ବୈଠକରେ ସ୍ଥିର ହୋଇଥିଲା ଯେ, ଉଭୟ କେନ୍ଦ୍ର ଓ ରାଜ୍ୟସମୂହ ପାଇଁ ଗୋଟିଏ ସମରୂପ, ସାମଗ୍ରୀକ ଓ ସମନ୍ୱୀତ ଆଇନ୍ ଜରୁରୀ, କିନ୍ତୁ ଏପର୍ଯ୍ୟନ୍ତ ଜନ ଲୋକପାଳ ବିଲ୍‌ର ଯେତେଗୁଡିଏ ସଂସ୍କରଣ ବାହାରିଛି, ସବୁଗୁଡିକ କେବଳ କେନ୍ଦ୍ରୀୟ ସ୍ତର ପାଇଁ ପ୍ରଯୁଜ୍ୟ । ଅର୍ଥାତ୍ ଏହି ବିଲ୍ ଗୃହୀତ ହେଲେ, ଆମେ ତଦ୍ୱାରା ଗୋଟିଏ ରାଜ୍ୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ପ୍ରଶାସକ, କିମ୍ବା ନିମ୍ନ ଅଦାଲତ ସ୍ତରରେ ଘଟୁଥିବା ଅନ୍ୟାୟ ବା ଦୁର୍ନୀତି ବିରୁଦ୍ଧରେ ଅଭିଯୋଗକୁ ପ୍ରସ୍ତାବିତ କେନ୍ଦ୍ରୀୟ ଲୋକପାଳଙ୍କ ନିକଟରେ ଆଗତ କରିପାରିବା ନାହିଁ । ଅବଶ୍ୟ, ଜଷ୍ଟିସ୍ ହେଗ୍‌ଡେ ଓ ଏହି ଲେଖକଙ୍କ ସମେତ ଅନେକ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହି ବିଲ୍‌ର ଉକ୍ତ ସୀମାବଦ୍ଧତାକୁ ନେଇ ଟିପ୍ପଣୀ ପ୍ରକାଶ ହେଲାପରେ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍‌ସନ୍ ୱେବ୍‌ସାଇଟ୍‌ରେ ଗତ ୨୨ତାରିଖରେ ପ୍ରକାଶିତ ବିଲ୍‌ର ସଦ୍ୟତମ ସଂସ୍କରଣ (୨.୨)ରେ ଏକ ପ୍ରାରମ୍ଭିକ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ବର୍ତ୍ତମାନର କେନ୍ଦ୍ରୀୟ ବିଲ୍ ଢାଞ୍ଚାରେ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ବିଲ୍ ପ୍ରଣୟନ କରିବା ପାଇଁ ପ୍ରସ୍ତାବ ଦିଆଯିବ । କିନ୍ତୁ ଯେ ପର୍ଯ୍ୟନ୍ତ ଚିଠା-ବିଲ୍‌ର ପ୍ରାବ୍‌ଧାନଗୁଡିକୁ ତଦନୁଯାୟୀ ପୁନର୍ଲିଖନ କରାନଯାଇଛି, ସେପର୍ଯ୍ୟନ୍ତ ଯୁଗ୍ମ କମିଟିର ସରକାରୀ ପ୍ରତିନିଧିମାନେ ସାମଗ୍ରୀକ ଓ ସମନ୍ୱୀତ ବିଲ୍‌ର ପ୍ରସ୍ତାବକୁ ଗୁରୁତ୍ୱ ଦେବେ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ ।

### ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ଲୋକସଭାର ବାଚସ୍ପତି ଲୋକପାଳଙ୍କ ପରିସର ବାହାରେ

ଧାରା-୨(୧୧)ରେ ସ୍ଥାନିତ 'ଜନସେବକ'ର ସଂଜ୍ଞାୟନ ଭିତରେ ପ୍ରଧାନମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟର ବିଚାରପତି, ସରକାରୀ କର୍ମଚାରୀ, ଯେ କୌଣସି ସରକାର-ପରିଚାଳିତ ସ୍ଥାନୀୟ ସଂସ୍ଥା, କମ୍ପାନୀ, ବୋର୍ଡ ବା କମିଟି ତଥା ଦୁର୍ନୀତି ନିବାରଣ ଆଇନ୍ ୧୯୮୮ ଅଧୀନରେ ପ୍ରଦତ୍ତ 'ଜନସେବକ' ସଂଜ୍ଞାର ଅନ୍ତର୍ଭୁକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷ ପରିସରଭୁକ୍ତ ହୋଇଛନ୍ତି । କିନ୍ତୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ତଥା ଲୋକସଭାର ବାଚସ୍ପତି ଏହି ସଂଜ୍ଞାରୁ ବାଦ୍ ପଡିଛନ୍ତି । ପ୍ରଶ୍ନ ଉଠୁଛି, ରାଷ୍ଟ୍ରର ଏହିସବୁ ଉଚ୍ଚ ପଦାଧିକାରୀ ଓ ସେମାନଙ୍କର କାର୍ଯ୍ୟାଳୟ କ'ଣ ଦୁର୍ନୀତିରୁ ମୁକ୍ତ ? ଯଦି ନୁହେଁ, ତେବେ ସେମାନଙ୍କୁ ଜନସେବକ ସଂଜ୍ଞାରୁ ବାଦ୍ ଦିଆଗଲା କାହିଁକି ? ଏହା କ'ଣ ଆନ୍ନାଙ୍କ ମୂଳ ପ୍ରତିଶୃତି -ପ୍ରତି ଦୁର୍ନୀତିଗ୍ରସ୍ତ ଜନସେବକଙ୍କ ପାଇଁ ଦଣ୍ଡବ୍ୟବସ୍ଥା-ର ନଗ୍ନ ଉଲ୍ଲଂଘନ ନୁହେଁ କି ?

### ପ୍ରଧାନମନ୍ତ୍ରୀ ଲୋକପାଳଙ୍କ ଅନୁସନ୍ଧାନର ପରିସରଭୁକ୍ତ ନୁହଁନ୍ତି

ଶୁଣିବାକୁ ବିଚିତ୍ର ଲାଗିଲେ ବି ସତ; ଧାରା୧୮(୮)ର ପରନ୍ତୁକରେ କୁହାଯାଇଛି ଯେ, ଧାରା-୧୮ (ଅଭିଯୋଗ ଏବଂ ଅନୁସନ୍ଧାନ ସଂବଧୀୟ ବ୍ୟବସ୍ଥାମାନ)ର କୌଣସି ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କୁ ଲାଗୁ ହେବ ନାହିଁ । ଅର୍ଥାତ୍ ପଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଦୁର୍ନୀତିର ଅଭିଯୋଗ ଆସିଲେ ବି ଲୋକପାଳ ତାହା ଉପରେ କୌଣସି ଅନୁସନ୍ଧାନ କରିବେ ନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ କେବଳ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ମୁଖ୍ୟ ନୁହଁନ୍ତି, ବରଂ କେନ୍ଦ୍ରୀୟ ସ୍ତରର ବହୁ ସାଂବିଧାନିକ ଓ ବୈଧାନିକ ସଂସ୍ଥା ଯଥା ନିର୍ବାଚନ କମିଶନ୍, ଜନଜାତି କମିଶନ୍, ସଂଖ୍ୟାଲଘୁ କମିଶନ୍, ମାନବାଧିକାର କମିଶନ୍ ଓ କେନ୍ଦ୍ରୀୟ ସୂଚନା କମିଶନ୍ ଇତ୍ୟାଦିର ଅଧ୍ୟକ୍ଷ ଓ ସଦସ୍ୟ ଚୟନରେ ତାଙ୍କର ପ୍ରମୁଖ ଭୂମିକା ରହିଛି । ସୁତରାଂ ପ୍ରଧାନମନ୍ତ୍ରୀଙ୍କୁ ଜନ ଲୋକପାଳଙ୍କ ଅନୁସନ୍ଧାନର ପରିସରରୁ ମୁକ୍ତ ରଖିବା କେତେଦୂର ବାଞ୍ଛନୀୟ ?

**ଦୁର୍ନୀତିଗ୍ରସ୍ତ ମନ୍ତ୍ରୀମାନଙ୍କ ଉପରେ ଲୋକପାଳଙ୍କର ଅଙ୍କୁଶ ନାହିଁ**

ଉପରୋକ୍ତ ଧାରା ୧୮(୮)ରେ ପୁଣି କୁହାଯାଇଛି, ଯେଉଁସ୍ଥଳେ ଲୋକପାଳଙ୍କ ଅନୁସନ୍ଧାନରୁ ଜଣେ ମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ବୋଲି ସାବ୍ୟସ୍ତ ହେବେ, ସେପରି ସ୍ଥଳେ ଲୋକପାଳ ଉକ୍ତ ମନ୍ତ୍ରୀ ତାଙ୍କ ପଦବୀରେ ରହିବା ପାଇଁ ଉପଯୁକ୍ତ ନୁହଁନ୍ତି ବୋଲି ରାଷ୍ଟ୍ରପତିଙ୍କୁ ସୁପାରିଶ୍ କରିପାରନ୍ତି । କିନ୍ତୁ ରାଷ୍ଟ୍ରପତି ଲୋକପାଳଙ୍କ ସୁପାରିଶ୍‌କୁ ମାନିବା ପାଇଁ ବାଧ୍ୟ ନୁହଁନ୍ତି, ବରଂ ସେ ଏକମାସ ଭିତରେ ଏହି ସୁପାରିଶ୍‌କୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରି ନିଜର ନିଷ୍ପତ୍ତି ଲୋକପାଳଙ୍କୁ ଜଣାଇଦେବେ । ଏହାର ପରିଣତିରେ ଦୁର୍ନୀତିଗ୍ରସ୍ତ ବୋଲି ସାବ୍ୟସ୍ତ ଜଣେ ଅପରାଧୀ ମନ୍ତ୍ରୀ ନିଜ ଗାଦିରେ ପୂର୍ବଭଳି ବଜାୟ ରହିପାରିବାର ଏକ ଆଇନ୍‌ସଙ୍ଗତ ପରମ୍ପରା ଚାଲୁ ହେବ ।

**ଜଣେ ସାଂସଦଙ୍କ ବିରୁଦ୍ଧରେ ଅଭିଯୋଗ ଗ୍ରହଣ ପାଇଁ ଲୋକପାଳଙ୍କର କ୍ଷମତା ନାହିଁ**

ଧାରା ୨୮ବି (୨) ଅନୁଯାୟୀ, ଜଣେ ସାଂସଦ ସଂସଦରେ କୌଣସି ବିଷୟରେ ପ୍ରଶ୍ନ ପଚାରିବା, କୌଣସି ପ୍ରସଙ୍ଗରେ ଭୋଟ୍ ଦେବା ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଲାଞ୍ଚ ନେଇଛନ୍ତି ବୋଲି ଯଦି ଅଭିଯୋଗ ଉଠେ, ତେବେ ସେପରି ଅଭିଯୋଗ ଲୋକପାଳଙ୍କ ନିକଟରେ ଆଗତ କରାଯାଇପାରିବ ନାହିଁ , ବରଂ ତାହା କେବଳ ଯଥାସ୍ଥିତି ଲୋକସଭାର ବାଚସ୍ପତି କିମ୍ବା ରାଜ୍ୟସଭାର ଅଧ୍ୟକ୍ଷଙ୍କ ନିକଟରେ ଆଗତ କରାଯାଇ ପାରିବ, ଯେ କି ଅଭିଯୋଗ ପାଇବାର ଏକମାସ ଭିତରେ ତାହାକୁ ସଂସଦର 'ନୀତି କମିଟି' (ଏଥିକ୍‌ସ କମିଟି) ପାଖକୁ ପଠାଇଦେବେ । ଏହି 'ନୀତି କମିଟି'ର କୌଣସି ସଂଜ୍ଞା ଦିଆଯାଇନି । ବରଂ ମଜାର କଥା, ନୀତି କମିଟିର କରଣୀୟ ଉପରେ ସୂଚେଇବାକୁ ଯାଇ ଅଣ-ଉପଧାରା (ବି)ରେ ଏକ ଅସଂପୂର୍ଣ୍ଣ ବାକ୍ୟ ସ୍ଥାନିତ କରାଯାଇଛି – The Ethics Committee shall, within a month, decide whether to … । ମନେ ହୁଏ, ଏହା ଯେ କେବଳ ବିଲ୍ ପ୍ରଣେତାମାନଙ୍କର ଭାଷାଗତ ବିଚ୍ୟୁତି ତାହା ନୁହେଁ, ଏହା ଦୁର୍ନୀତିଗ୍ରସ୍ତ ସାଂସଦମାନଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରିବା ପାଇଁ  ସେମାନଙ୍କର ନୈତିକ ସାହାସର ଅଭାବ ।

**ଦୁର୍ନୀତିଗ୍ରସ୍ତ ଜନସେବକଙ୍କ କାର୍ଯ୍ୟଧାରା ଅବ୍ୟାହତ ରହିବ**

ଧାରା ୧୮(୩)ରେ କୁହାଯାଇଛି ଯେ, ଜଣେ ଜନସେବକଙ୍କ ବିରୁଦ୍ଧରେ ଆଗତ ଏକ ଅଭିଯୋଗକୁ ଲୋକପାଳ ଅନୁସନ୍ଧାନ କରୁଥିବା ପର୍ଯ୍ୟାୟରେ ସେହି ଜନସେବକଙ୍କର ସଂପୃକ୍ତ ବିବାଦୀୟ କାର୍ଯ୍ୟ, ଯାହା ବିରୁଦ୍ଧରେ ଅଭିଯୋଗ ଅଣାଯାଇଛି, ପୂର୍ବଭଳି ଅବ୍ୟାହତ ରହିବ ଏବଂ ସେହି ବିବାଦୀୟ କାର୍ଯ୍ୟକୁ ଚଳାଇ ରଖିବା ପାଇଁ ଅନ୍ୟ ସଂପୃକ୍ତ ଜନସେବକମାନଙ୍କର କ୍ଷମତା ଓ ଦାୟିତ୍ୱ ଉପରେ କୌଣସି ମତେ ଆଞ୍ଚ ଅଣାଯିବ ନାହିଁ । ଉଦାହରଣ ସ୍ୱରୂପ, ଏହାର ସିଧାସଳଖ ଅର୍ଥ ହେଲା, ଟେଲିକମ୍ ମନ୍ତ୍ରୀ ଏ.ରାଜାଙ୍କ ବିରୁଦ୍ଧରେ ୨-ଜି ସ୍ପେକ୍ଟ୍ରମ୍ ଦୁର୍ନୀତିର ଅନୁସନ୍ଧାନ କରାଯାଉଥିବା ବେଳେ, ତାଙ୍କ ଦ୍ୱାରା ଅନୁସୃତ କାର୍ଯ୍ୟଧାରା ସେମିତି ଚାଲୁରହିଥାନ୍ତା ଏବଂ ଅନ୍ୟ ସମସ୍ତ ସଂପୃକ୍ତ ପଦାଧିକାରୀମାନେ ମଧ୍ୟ ସେହି କାର୍ଯ୍ୟଧାରାକୁ ଆଗେଇ ନେଇଥାନ୍ତେ । ପୁଣି, ଧାରା ୧୮(୪)ରେ ଯାହା କୁହାଯାଇଛି, ତାହା ମଧ୍ୟ ଦୁର୍ନୀତିଗ୍ରସ୍ତ ଜନସେବକଙ୍କୁ ନିଜର ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟଧାରାକୁ ବଜାୟ ରଖିବାରେ ପରୋକ୍ଷ ଭାବେ ସହାୟକ ହେବ । ଏଥିରେ କୁହାଯାଇଛି ଯେ, ଯଦି ଲୋକପାଳ ଅନୁସନ୍ଧାନର କୌଣସି ଏକ ପର୍ଯ୍ୟାୟରେ ହୃଦ୍‌ବୋଧ କରନ୍ତି ଯେ, ଜଣେ ଜନସେବକଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଟି ଆପାତ ପ୍ରମାଣଯୋଗ୍ୟ, ତେବେ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଉକ୍ତ ଜନସେବକଙ୍କର ବିବାଦୀୟ କାର୍ଯ୍ୟଧାରାକୁ ସ୍ଥଗିତ ରଖିବା ପାଇଁ ଏକ ମଧ୍ୟବର୍ତ୍ତୀ ଆଦେଶ ଜାରି କରିପାରିବେ । କିନ୍ତୁ ଏହାପରେ ସେହି କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ନିଜ ମର୍ଜି ମୁତାବକ ଉକ୍ତ ଆଦେଶକୁ ପ୍ରତ୍ୟାଖ୍ୟାନ କରିପାରନ୍ତି ଓ ଆଦେଶ ମିଳିବାର ୧୫ଦିନ ମଧ୍ୟରେ ସେହି ମର୍ମରେ ଲୋକପାଳଙ୍କୁ ଜଣାଇ ଦେଇପାରନ୍ତି । ଏହାପରେ ନାଚାର ଲୋକପାଳ ଚାହିଁଲେ ସଂପୃକ୍ତ ହାଇକୋର୍ଟଙ୍କୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବା ପାଇଁ ପ୍ରାର୍ଥନା କରିପାରନ୍ତି । କିନ୍ତୁ ଏକଥା ସମସ୍ତେ ଜାଣନ୍ତି, ଥରେ ଗୋଟିଏ କେଶ୍ ହାଇକୋର୍ଟରେ ପହଞ୍ଚିଲେ ତାହା ଫଇସଲା ହେବାର ସମୟସୀମା ନଥାଏ କି ଅନ୍ତିମ ପରିଣତି ବିଷୟରେ କିଛି କୁହାଯାଇନପାରେ, କାରଣ ହାଇକୋର୍ଟଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇଥିବା ଯେ କୌଣସି ପକ୍ଷ ସୁପ୍ରିମ୍ କୋର୍ଟ ଯାଇପାରନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ଏପ୍ରକାର ବ୍ୟବସ୍ଥା ଦୁର୍ନୀତି ଉପରେ ଅଙ୍କୁଶ ଲଗାଇବ ନା ଦୁର୍ନୀତିଗ୍ରସ୍ତ ଜନସେବକମାନଙ୍କୁ କ୍ଲିନ୍ ଚିଟ୍ ଦେବ ?

**ଦୁର୍ନୀତିଗ୍ରସ୍ତ ଜନସେବକଙ୍କୁ ବଦଳି କି ନିଲମ୍ବନ କରାଯାଇପାରିବନି**

ଧାରା ୧୮(୬)ରେ କୁହାଯାଇଛି ଯେ, ଜଣେ ଜନସେବକଙ୍କ ବିରୁଦ୍ଧରେ ଏକ ଅଭିଯୋଗକୁ ଅନୁସନ୍ଧାନ କରୁଥିବା ବେଳେ ଲୋକପାଳ ଯଦି ହୃଦ୍‌ବୋଧ କରିବେ ଯେ, ସଂପୃକ୍ତ ଜନସେବକ ତାଙ୍କର ପଦବୀରେ କାଏମ୍ ରହିବା ଫଳରେ ଅନୁସନ୍ଧାନ ପ୍ରକ୍ରିୟା ବିପଥଗାମୀ ହୋଇଯାଇପାରେ, ଅଥବା ସେ ପ୍ରମାଣଗୁଡ଼ିକୁ ଧ୍ୱଂସ ବା ବିକୃତ କରିଦେଇପାରନ୍ତି ବା ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି, ତେବେ ଲୋକପାଳ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଏହାର ପ୍ରତିକାର ନିମିତ୍ତ ଉପଯୁକ୍ତ ସୁପାରିଶ୍ କରିପାରନ୍ତି, ଏବଂ ବିଶେଷ କରି ଉକ୍ତ ଜନସେବକ ଯଦି ଜଣେ ସରକାରୀ କର୍ମଚାରୀ ହୋଇଥିବେ, ତେବେ ତାଙ୍କୁ ତାଙ୍କ ପଦବୀରୁ ବଦଳି ବା ନିଲମ୍ବନ କରିବା ପାଇଁ ସୁପାରିଶ୍ ମଧ୍ୟ କରିପାରନ୍ତି । କିନ୍ତୁ ଏହାପରେ କୁହାଯାଇଛି ଯେ, ଲୋକପାଳଙ୍କର ଏହି ସୁପାରିଶ୍‌କୁ ସଂପୃକ୍ତ କର୍ତ୍ତୃପକ୍ଷ ୧୫ଦିନ ଭିତରେ ଗ୍ରହଣ ବା ଅଗ୍ରାହ୍ୟ କରି ଦେଇପାରନ୍ତି । ଯଦି ଅଗ୍ରାହ୍ୟ କରାଯାଏ, ତେବେ ଲୋକପାଳଙ୍କର ଆଉ କୌଣସି ପ୍ରତ୍ୟକ୍ଷ କ୍ଷମତା ନାହିଁ; ଅନ୍ୟପକ୍ଷରେ କେବଳ ଲୋକପାଳ ନିଜେ ଚାହିଁଲେ ସଂପୃକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ହାଇକୋର୍ଟ ନିଜେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ଗୁହାରି କରିପାରନ୍ତି । ହାଇକୋର୍ଟ କେତେଦିନ ଭିତରେ ଓ କି ପ୍ରକାର ନିର୍ଦ୍ଦେଶନାମା ଜାରିକରିବେ, ତାହା ବିଲ୍‌ରେ ସୂଚୀତ ହୋଇନାହିଁ । ସମସ୍ତେ ଜାଣନ୍ତି, ଥରେ ଗୋଟିଏ କେଶ୍ ହାଇକୋର୍ଟଙ୍କୁ ଗଲେ, ତାହାର ଅନ୍ତିମ ପରିଣତି ଅନିଶ୍ଚିତ, କାରଣ ହାଇକୋର୍ଟ ପରେ ସୁପ୍ରିମ୍ କୋର୍ଟ ଅଛି । ସୁତରାଂ, ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଜଣେ ଦୁର୍ନୀତିଗ୍ରସ୍ତ ଜନସେବକ ଲୋକପାଳଙ୍କ ଆଦେଶକୁ ଭ୍ରୁକ୍ଷେପ ନକରି ନିଜ ପଦବୀରେ କାଏମ୍ ରହିବା ସହିତ ତାଙ୍କ ବିରୁଦ୍ଧରେ ଥିବା ସମସ୍ତ ସାକ୍ଷ୍ୟପ୍ରମାଣକୁ ଧ୍ୱଂସ ଓ ବିକୃତ କରିପାରିବାର ସୁବର୍ଣ୍ଣ ସୁଯୋଗ ଲାଭ କରିପାରିବେ ।

**ଦୁର୍ନୀତିଗ୍ରସ୍ତ ଜନସେବକଙ୍କୁ ନିଜର କଳାଧନ ସ୍ଥାନାନ୍ତରଣ ପାଇଁ ସୁଯୋଗ ମିଳିଯିବ**

ଧାରା ୧୮(୭)ରେ କୁହାଯାଇଛି ଯେ, ଜଣେ ଜନସେବକଙ୍କ ବିରୁଦ୍ଧରେ ଆଗତ ଅଭିଯୋଗର ଅନୁସନ୍ଧାନର ଯେ କୌଣସି ପର୍ଯ୍ୟାୟରେ ଲୋକପାଳ ସେହି ଜନସେବକଙ୍କର କର୍ତ୍ତୃପକ୍ଷଙ୍କୁ ୩ ପ୍ରକାର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଏକ ମଧ୍ୟବର୍ତ୍ତୀ ଆଦେଶ ଦେଇପାରନ୍ତି, ଯଥା (ଏ) ସେହି ଜନସେବକଙ୍କର କାର୍ଯ୍ୟଧାରା ଯୋଗୁଁ ସର୍ବସାଧାରଣ ସମ୍ପତ୍ତି ବା ରାଜସ୍ୱ ଯେପରି ଆଉ ହାନି ନହୁଏ, (ବି) ସେହି ଜନସେବକଙ୍କର ଅସଦାଚରଣ ଯେପରି ଅବ୍ୟାହତ ନରୁହେ, ତଥା (ସି) ସେହି ବିବାଦୀୟ ଜନସେବକ ଦୁର୍ନୀତି ବଳରେ ଠୁଳ କରିଥିବା କଳାଧନକୁ ଯେପରି ଗୋପନରେ ସ୍ଥାନାନ୍ତରଣ କରିବାକୁ ସକ୍ଷମ ନହୁଏ । କିନ୍ତୁ ଏହାପରେ କୁହାଯାଇଛି, ସଂପୃକ୍ତ କର୍ତ୍ତୃପକ୍ଷ ଲୋକପାଳଙ୍କର ଏହି ଆଦେଶକୁ ୧୫ ଦିନ ଭିତରେ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରି ଲୋକପାଳଙ୍କୁ ଜଣାଇଦେବେ । ପ୍ରଶ୍ନ ଉଠୁଛି, ଯଦି ଲୋକପାଳଙ୍କର ଆଦେଶ ପ୍ରତ୍ୟାଖ୍ୟାତ ହୁଏ, ତେବେ ଲୋକପାଳ କ'ଣ କରିବେ ? ସେପରି ସ୍ଥଳେ ଲୋକପାଳ ନିଜେ ଚାହିଁଲେ ସଂପୃକ୍ତ ହାଇକୋର୍ଟଙ୍କର ଦ୍ୱାରସ୍ଥ ହୋଇ ସଂପୃକ୍ତ

କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ଏକ ଉପଯୁକ୍ତ ନିର୍ଦ୍ଦେଶନାମା ଦିଅନ୍ତୁ ବୋଲି ପ୍ରାର୍ଥନା କରିପାରନ୍ତି । କେତେଦିନ ଭିତରେ ହାଇକୋର୍ଟ ଏହା ଉପରେ ନିଜର ନିର୍ଦ୍ଦେଶନାମା ଜାରି କରିବେ, ତାହାର କୌଣସି ସମୟସୀମା ସୂଚୀତ ହୋଇନାହିଁ । ପୁଣି ଏକଥା ସମସ୍ତେ ଜାଣନ୍ତି, ଥରେ ହାଇକୋର୍ଟକୁ ଗୋଟିଏ କେଶ୍ ଗଲେ, ତାହାର ଅନ୍ତିମ ପରିଣତି ଅନିଶ୍ଚିତ, କାରଣ ହାଇକୋର୍ଟ ପରେ ପୁଣି ସୁପ୍ରିମ୍ କୋର୍ଟ ଅଛି । ଏହି ପ୍ରଲମ୍ବିତ ସମୟ-ଅବଧି ଭିତରେ ସଂପୃକ୍ତ ଦୁନୀତିଗ୍ରସ୍ଥ ଜନସେବକ ନିଜର ଦୁର୍ନୀତି ଓ ଅସାଧୁ କାରବାରକୁ ବଜାୟ ରଖିବା ସହିତ ନିଜର ସମସ୍ତ କଳାଧନକୁ ଗୋପନୀୟ ସ୍ଥାନକୁ ଚାଲାଣ କରିବା ପାଇଁ ଅବାଧ ସୁଯୋଗ ପାଇବେ ନାହିଁକି ? ଏଠାରେ ଉଲ୍ଲେଖନୀୟ ଯେ, ବିଲ୍‌ର ଧାରା ୨(୧୧)ରେ 'ଜନସେବକ'ର ସଂଜ୍ଞା ଭିତରେ କେବଳ ପ୍ରଶାସକ ନୁହଁନ୍ତି, ବରଂ ମନ୍ତ୍ରୀ ଓ ବିଚାରପତି ମଧ୍ୟ ଅନ୍ତର୍ଭୁକ୍ତ । ସୁତରାଂ ଏହି ବିଲ୍ ଶାସନବ୍ୟବସ୍ଥାର ପ୍ରତି ସ୍ତମ୍ଭରେ ନିୟୋଜିତ ଥିବା ସମସ୍ତ ଜନସେବକଙ୍କ ଭ୍ରଷ୍ଟାଚାର ଓ କଳାଧନର ଏକ ରକ୍ଷାକବଚ ପାଲଟିଯିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

**ଲୋକପାଳଙ୍କ ଅନୁସନ୍ଧାନର ପରିସର ଖୁବ୍ ସଂକୁଚିତ**

ଜନ ଲୋକପାଳ ବିଲ୍‌ର ଧାରା-୮ (ଲୋକପାଳଙ୍କ କ୍ଷମତା ଓ କାର୍ଯ୍ୟାବଳୀ)ରେ କୁହାଯାଇଛି ଯେ ଲୋକପାଳ ବିଭିନ୍ନ ସୂତ୍ରରୁ ଜନସେବକମାନଙ୍କ ବିରୁଦ୍ଧରେ ଅଭିଯୋଗ ଗ୍ରହଣ କରି ସେସବୁ ଉପରେ ଅନୁସନ୍ଧାନ ଚଳାଇବେ, ଏବଂ ଧାରା-୧୫ ଅନୁଯାୟୀ ଯେ କୌଣସି ବ୍ୟକ୍ତି ଲୋକପାଳଙ୍କ ନିକଟରେ ନିଜର ଅଭିଯୋଗ ଦାଖଲ କରିପାରିବେ ଏବଂ ଲୋକପାଳ ପ୍ରତି ଅଭିଯୋଗର ଫଇସଲା କରିବେ । କିନ୍ତୁ ଧାରା ୧୭( ଅନୁସନ୍ଧାନ-ଯୋଗ୍ୟ ହେଉନଥିବା ବିଷୟମାନ)ରେ ଅନେକ ଗୁଡିଏ ଜଟିଳ ସର୍ତ୍ତର ଅବତାରଣା କରାଯାଇଛି, ଯାହାକି ଲୋକପାଳଙ୍କ ଅନୁସନ୍ଧାନର ପରିସରକୁ ଅତ୍ୟନ୍ତ ସଂକୁଚିତ କରିଦେଉଛି । ଉଦାହରଣ ସ୍ୱରୂପ, ଧାରା ୧୭(୧) ଅନୁଯାୟୀ ନିମ୍ନୋକ୍ତ ସ୍ଥିତିରେ ଲୋକପାଳ ଏକ ଅଭିଯୋଗକୁ ଅନୁସନ୍ଧାନ କରିବେ ନାହିଁ, ଯଥା (୧) ଯଦି ଅନ୍ୟ କୌଣସି ଆଇନ୍ ଅଧୀନରେ ସଂପୃକ୍ତ ଅଭିଯୋଗର ବିଚାର ପାଇଁ କୌଣସି କର୍ତ୍ତୃପକ୍ଷ ବା ବ୍ୟବସ୍ଥା ସ୍ଥାନିତ ହୋଇଥାଏ, (୨) ଯଦି କୌଣସି ନ୍ୟାୟାଳୟ ବା କଳ୍ପ-ନ୍ୟାୟିକ ସଂସ୍ଥାରେ ସଂପୃକ୍ତ ବିଷୟଟି ବିଚାରାଧୀନ ଥାଏ ଏବଂ ଅଭିଯୋକ୍ତା ବିଚାର-ପ୍ରକ୍ରିୟାରେ କୌଣସି ମନ୍ଦୁଦ୍ଦେଶ୍ୟ ଅନୁଭବ କରୁନଥାନ୍ତି, (୩) ଯଦି ଅଭିଯୋଗର ବିଷୟବସ୍ତୁ କୌଣସି ଯଥୋଚିତ ନ୍ୟାୟାଳୟ ବା କଳ୍ପ-ନ୍ୟାୟିକ ସଂସ୍ଥା ଅଧୀନରେ ବିଚାରାଧୀନ ଥାଏ, ଏବଂ (୪) ଯଦି କୌଣସି ଅଭିଯୋଗ ଉପରେ ଦୁର୍ବୋଧ୍ୟ କାରଣରୁ ସୁଦୀର୍ଘ ସମୟ-ଅବଧି ଧରି ମାମଲାଟି ଜାରି ରହିଥାଏ । ଏହାପରେ ଧାରା ୧୭(୨)ରେ କୁହାଯାଇଛି ଯେ, ସଂସଦର କୌଣସି ଗୃହର ଅଧ୍ୟକ୍ଷଙ୍କ ଦ୍ୱାରା ଗୃହୀତ ବା ତାଙ୍କ ଦ୍ୱାରା ଅନୁମୋଦିତ କୌଣସି ପଦକ୍ଷେପ ଉପରେ ଲୋକପାଳଙ୍କର ଅନୁସନ୍ଧାନ କ୍ଷମତା ନାହିଁ । ସୁତରାଂ ବର୍ତ୍ତମାନ ଏହା ସୁସ୍ପଷ୍ଟ ଯେ, ଧାରା-୧୬ରେ ଯେତିକି ବ୍ୟାପକ ଭାବେ ଲୋକପାଳଙ୍କୁ ଯେ କୌଣସି ଜନସେବକଙ୍କର ଯେ କୌଣସି ପଦକ୍ଷେପ ବିରୁଦ୍ଧରେ ଅଭଯୋଗର ଅନୁସନ୍ଧାନ ପାଇଁ କ୍ଷମତା ଦିଆଯାଇଛି, ଠିକ୍ ସେତିକି ବ୍ୟାପକ ଭାବେ ଲୋକପାଳଙ୍କ ଦ୍ୱାରା ଅନୁସନ୍ଧାନର ବିଷୟ-ପରିସରକୁ ଧାରା-୧୭ ଅଧୀନରେ ସଂକୁଚିତ କରାଯାଇଛି ।

**ଲୋକପାଳ ବଞ୍ଚିତ ନାଗରିକମାନଙ୍କର ଆପତ୍ତିକୁ ସିଧାସଳଖ ମୀମାଂସା କରିପାରିବେ ନାହିଁ**

ଉପରେ ସୂଚୀତ ହୋଇଛି, ଆନ୍ନାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଜଣେ ବ୍ୟକ୍ତି କୌଣସି ସରାକରୀ ଦପ୍ତରରୁ ଠିକ୍ ସମୟରେ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ (ଯେଥା ରେସନ୍ କାର୍ଡ, ପାସ୍ ପୋର୍ଟ, ଥାନାରେ ଏଫ୍.ଆଇ.ଆର୍. ଦାଖଲ) ହାସଲ କରିନପାରିଲେ, ସେ ଲୋକପାଳଙ୍କୁ ସିଧାସଳଖ ନିଜର ଆପତ୍ତି ଜଣାଇପାରିବେ, ଏବଂ ଲୋକପାଳ ତାହାର ସମୟୋଚିତ ଅନୁସନ୍ଧାନ କରି ଏକମାସ ଭିତରେ ସଂପୃକ୍ତ ଅଭିଯୋକ୍ତାଙ୍କୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ ସହିତ ସଂପୃକ୍ତ ଦୋଷୀ ଅଧିକାରୀଙ୍କ ଠାରୁ ପ୍ରତିଦିନର ବିଳମ୍ବ ବାବଦକୁ ୨୫୦ଟଙ୍କା ହିସାବରେ ଜୋରିମାନା ଆଦାୟ କରି ବଞ୍ଚିତ ନାଗରିକଙ୍କୁ ସେହି ଅର୍ଥରାଶିକୁ କ୍ଷତିପୂରଣ ଆକାରରେ ପଇଠ କରିବେ । କିନ୍ତୁ ଜନ ଲୋକପାଳ ବିଲ୍‌ର ସଂପୃକ୍ତ ଅଧ୍ୟାୟ (ଆପତ୍ତି ମୀମାଂସା ବ୍ୟବସ୍ଥା)କୁ ଅଧ୍ୟୟନ କଲେ ଗଭୀର ଭାବେ ନିରାଶ ହେବାକୁ ପଡିବ । ଧାରା-୨୧(୧) ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷ ଏକ ନାଗରିକ ସନନ୍ଦ ଘୋଷଣା କରିବେ, ଯେଉଁଥିରେ କେଉଁ ପ୍ରାପ୍ୟ କେଉଁ ଅଧିକାରୀଙ୍କ ଠାରୁ କେତେଦିନ ଭିତରେ ନାଗରିକଙ୍କୁ ମିଳିପାରିବ ତାହା ସୂଚୀତ ହୋଇଥିବ । ଧାରା-୨୧(୩) ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦପ୍ତରରେ ଜଣେ ଲେଖାଁ ସର୍ବସାଧାରଣ ଆପତ୍ତି ପ୍ରତିକାର ଅଧିକାରୀ (ପି.ଜି.ଆର୍.ଓ) ଅବସ୍ଥାପିତ ହେବେ, ଯାହାଙ୍କୁ ଅଭିଯୋକ୍ତା ନିଜର ଆପତ୍ତି ଜଣାଇବେ । ପୁଣି ୨୧ଏ (୧)ରେ କୁହାଯାଇଛି, ପ୍ରତି ଜନକର୍ତ୍ତୃପକ୍ଷଙ୍କ ଦପ୍ତରରେ ଆବଶ୍ୟକ ସଂଖ୍ୟକ ଆପତ୍ତି ଅପିଲ୍ ଅଧିକାରୀ ନିୟୋଜିତ ହେବେ, ଯେ କି ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ସଂପର୍କୀତ ସମସ୍ତ ଆପତ୍ତିକୁ ଗ୍ରହଣ ଓ ଫଇସଲା କରିବେ । ଏହାପରେ ଧାରା ୨୧ଏ (୨)ରେ କୁହାଯାଇଛି, ଯଦି ଅଭିଯୋକ୍ତା ଅଭିଯୋଗ ଦାଖଲର ଏକମାସ ଭିତରେ ପି.ଜି.ଆର୍.ଓ.ଙ୍କ ନିକଟରୁ ସନ୍ତୋଷଜନକ ନିଷ୍ପତ୍ତି ନପାଆନ୍ତି, ତେବେ ସେ ଆପତ୍ତି ଅପିଲ୍ ଅଧିକାରୀଙ୍କ ନିକଟକୁ ଅପିଲ୍ କରିପାରିବେ । ଏହାପରେ ଆପତ୍ତି ଅପିଲ୍ ଅଧିକାରୀ ସନନ୍ଦ-ଅନ୍ତର୍ଭୁକ୍ତ ବିଷୟ ଉପରେ ଅଭିଯୋଗକୁ କେତେଦିନ ଭିତରେ ଫଇସଲା କରିବେ ତହିଁର କୌଣସି ଉଲ୍ଲେଖ ନାହିଁ । କେବଳ ଧାରା ୨୧ଏ(୩)ରେ କୁହାଯାଇଛି ଯେ, ଯଦି ଅଭିଯୋଗର ବିଷୟ ସନନ୍ଦ-ବହିର୍ଭୁତ ହୋଇଥାଏ, ତେବେ ଆପତ୍ତି ଅପିଲ ଅଧିକାରୀ ଏକମାସ ଭିତରେ ତାଙ୍କର ନିଷ୍ପତ୍ତି ଶୁଣାଇବେ । ଧାରା ୨୧ଏ (୪)ରେ କୁହାଯାଇଛି ଯେ, ଆପତ୍ତି ଅପିଲ୍ ଅଧିକାରୀଙ୍କ ନିକଟରେ ଦାଖଲ ହେଉଥିବା ସେହିସବୁ କେଶ୍‌ର ଏକ ଭିଜିଲାନ୍ସ (ଇଚ୍ଛାକୃତ ଉଲ୍ଲଂଘନ) ଦିଗ ରହିବ, ଯେଉଁଥିରେ ପି.ଜି.ଆର୍.ଓ.ଙ୍କ ଠାରୁ ସନନ୍ଦ-ଭୁକ୍ତ ଅଭିଯୋଗ ଉପରେ ସନ୍ତୋଷଜନକ ପ୍ରତିକାର ମିଳିନଥିବ ବା ସନନ୍ଦ-ବହିର୍ଭୁତ ବିଷୟ ସଂକ୍ରାନ୍ତ ଅଭିଯୋଗ ଉପରେ ଆପତ୍ତି ଅପିଲ୍ ଅଧିକାରୀଙ୍କ ଆଦେଶକୁ ଉଲ୍ଲଂଘନ କରାଯାଇଥିବ । ଧାରା ୨୧ଏ(୫) ଅନୁଯାୟୀ ଆପତ୍ତି ଅପିଲ୍ ଅଧିକାରୀ କେଶ୍‌ର ଶୁଣାଣି କରି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଉଲ୍ଲଂଘନ ପାଇଁ ଦାୟୀ କରିବେ ଏବଂ ତାଙ୍କ ବେତନରୁ ପ୍ରତିଦିନର ବିଳମ୍ବ ବାବଦକୁ ଅନ୍ୟୁନ ୨୫୦ଟଙ୍କା ହିସାବରେ ଜୋରିମାନା ଅସୁଲ୍ କରିବା ପାଇଁ ସଂପୃକ୍ତ ଡ୍ରଇଂ ଓ ଡିସ୍‌ବର୍ସିଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ । ଜୋରିମାନା ବାବଦ ଅସୁଲ ହୋଇଥିବା ଏହି ଅର୍ଥରାଶିକୁ ସଂପୃକ୍ତ କ୍ଷତିଗ୍ରସ୍ଥ ଅଭିଯୋକ୍ତାଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରାଯିବ । କିନ୍ତୁ ବଡ ପ୍ରଶ୍ନ ହେଉଛି, ସନନ୍ଦ-ଭୁକ୍ତ ବିଷୟ ଉପରେ ଅପିଲ୍ ଅଧିକାରୀ କେତେଦିନ ଭିତରେ ନିଜର ନିଷ୍ପତ୍ତି ଶୁଣାଇବେ, ଦୋଷୀ ଅଧିକାରୀଙ୍କ ବେତନରୁ କେତେଦିନ ଭିତରେ ଜୋରିମାନା ଅର୍ଥରାଶି ଅସୁଲ୍ କରାଯିବ ଏବଂ ସଂପୃକ୍ତ ଅଭିଯୋକ୍ତାଙ୍କୁ କେତେଦିନ ଭିତରେ କ୍ଷତିପୂରଣ ମିଳିବ, ସେସବୁ ବିଷୟରେ କୌଣସି ସମୟ-ସୀମା ସୂଚୀତ ହୋଇନାହିଁ । ପୁଣି ବଡ ମଜାର କଥା ହେଉଛି, ଧାରା ୨୧ଏ(୬) ଅନୁଯାୟୀ ଉପଯୁକ୍ତ କୈଫିୟତ ଦେଇପାରିନଥିବା ଅଧିକାରୀଙ୍କ ବିରୁଦ୍ଧରେ ଆପତ୍ତି ଅପିଲ୍ ଅଧିକାରୀ କେନ୍ଦ୍ରୀୟ ପ୍ରଶାସନିକ ସେବା ଆଚରଣ ନିୟମାବଳୀ (ସି.ସି.ଏସ୍. କଣ୍ଡକ୍ଟ ରୁଲ୍‌ସ୍) ଅନୁଯାୟୀ ଦଣ୍ଡବିଧାନ ଘୋଷଣା କରିପାରନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି, ଏପ୍ରକାର ଦଣ୍ଡବିଧାନ ସର୍ବଭାରତୀୟ ପ୍ରଶାସନିକ ସେବା ଆଚରଣ ନିୟମାବଳୀ (ଅଲ୍ ଇଣ୍ଡିଆ ସିଭିଲ୍ ସର୍ଭିସ୍ ରୁଲ୍‌ସ୍) ଅନୁଯାୟୀ ପରିଚାଳିତ ଆଇ.ଏ.ଏସ୍, ଓ ଆପ.ପି.ଏସ. ଭଳି ପ୍ରମୁଖ ସର୍ବଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କ ପ୍ରତି ଲାଗୁ ହେବ ନାହିଁ କାହିଁକି ? ସବୁଠାରୁ ବଡ ମୌଳିକ ପ୍ରଶ୍ନ ହେଲା, ଜଣେ ବଞ୍ଚିତ ନାଗରିକ ବିଭାଗୀୟ ଭିଜିଲାନ୍ସ ଅଧିକାରୀମାନଙ୍କ ଠାରୁ ନ୍ୟାୟ ନପାଇଲେ ଲୋକପାଳଙ୍କ ପାଖରେ ଫେରାଦ୍ ହେବାର ସୁଯୋଗ କାହିଁକି ଦିଆଯାଇନାହିଁ ?

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 26.04.2011**